# First meeting of BRICS Sherpas and Sous Sherpas

February 26, 2021

---

# ବ୍ରିକ୍ସ ଶେରପା ଏବଂ ସୋସ୍ ଶେରପାଙ୍କ ପ୍ରଥମ ବୈଠକ

**ଫେବୃଆରୀ 26, 2021**

ବ୍ରିକ୍ସ ଶେରପା ଏବଂ ସୋସ୍ ଶେରପାଙ୍କ ମଧ୍ୟରେ 24-26 ଫେବୃଆରୀ 2021 ରେ ଭାରତ ଅଧ୍ୟକ୍ଷତାରେ ପ୍ରଥମ ବୈଠକ ହୋଇଥିଲା। ଭାରତର ବ୍ରିକ୍ସ ଶେରପା ଏବଂ ସୋସ୍ ଶେରପା ଭାବରେ ସିପିଭି ଏବଂ ଓଆଇଏ ବା ଦୂତାବାସ, ପାସପୋର୍ଟ ଓ ଭିସା ଏବଂ ପ୍ରବାସୀ ଭାରତୀୟ ବ୍ୟାପାର ବିଭାଗ ସଚିବ ଶ୍ରୀ ସଞ୍ଜୟ ଭଟ୍ଟାଚାର୍ଯ୍ୟ ଏବଂ ଅର୍ଥନୈତିକ ସମ୍ପର୍କ ବିଭାଗ ଅତିରିକ୍ତ ସଚିବ ପି ହରିଶ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ।

2021 ରେ ଭାରତ ନିଜର ଅଧ୍ୟକ୍ଷତା କାଳରେ ନିଜର ପ୍ରାଥମିକତା ଉପସ୍ଥାପନ କରିଥିଲା - "ବ୍ରିକ୍ସ@15: ନିରନ୍ତରତା, ଏକୀକରଣ ଏବଂ ସହମତି ପାଇଁ ଆନ୍ତଃବ୍ରିକ୍ସ ସହଯୋଗ" - (i) ବହୁପକ୍ଷୀୟ ବ୍ୟବସ୍ଥାର ସୁଧାର; (ii) ଆତଙ୍କବାଦର ମୁକାବିଲା; (iii) ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ଡିଜିଟାଲ ଏବଂ ପ୍ରଯୁକ୍ତିବିଦ୍ୟା ସମାଧାନ ବ୍ୟବହାର କରିବା; ଏବଂ (iv) ଲୋକମାନଙ୍କ ମଧ୍ୟରେ ବିନିମୟ ବୃଦ୍ଧି କରିବା। ବ୍ରିକ୍ସ 2021 ପାଇଁ କାର୍ଯ୍ୟକ୍ରମଗୁଡ଼ିକର କ୍ୟାଲେଣ୍ଡର ମଧ୍ୟ ଉପସ୍ଥାପନା କରାଯାଇଥିଲା ଏବଂ ଏହାପରେ ଆଲୋଚନା ଏବଂ ମତାମତ ଅଧିବେଶନ ଅନୁଷ୍ଠିତ ହୋଇଥିଲା।

ଭାରତ ନିଜର ଅଧ୍ୟକ୍ଷତା ସମୟରେ ବିଭିନ୍ନ ବିଷୟବସ୍ତୁ ଉପରେ ନିଜର ପ୍ରାଥମିକତା ବିଷୟରେ ଭାରତ ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଦ୍ୱାରା ସଂକ୍ଷିପ୍ତ ବର୍ଣ୍ଣନା ଏବଂ ଉପସ୍ଥାପନା କରାଯାଇଥିଲା। ଏଥିରେ ବ୍ରିକ୍ସ ଆତଙ୍କବାଦର ମୁକାବିଲାରେ ସହଯୋଗ, କୃଷି ବିଶେଷକରି ସ୍ଥାୟୀ ବିକାଶ ଏବଂ ଡିଜିଟାଲ କୃଷି ଉପରେ ଗୁରୁତ୍ୱ, ନବସୃଜନ ସହଯୋଗ, ଡିଜିଟାଲ ସ୍ୱାସ୍ଥ୍ୟ, କୋଭିଡ-19 ମହାମାରୀର ମୁକାବିଲାରେ ସହଯୋଗ ଏବଂ ପାରମ୍ପାରିକ ଔଷଧ, ଅର୍ଥନୈତିକ ରଣନୀତିରେ ସହଭାଗୀତା ଏବଂ ବାଣିଜ୍ୟ ବିଷୟବସ୍ତୁ ଅନ୍ତର୍ଭୁକ୍ତ। ବ୍ରିକ୍ସ ନୂତନ ବିକାଶ ବ୍ୟାଙ୍କର ଉପାଧ୍ୟକ୍ଷ ଶ୍ରୀ ଅନିଲ କିଶୋରା ବ୍ରିକ୍ସ ଶେରପାଙ୍କୁ ଋଷ ଏବଂ ଭାରତରେ ବ୍ୟାଙ୍କର ଆଞ୍ଚଳିକ କାର୍ଯ୍ୟାଳୟ ଖୋଲିବା ସମେତ ବ୍ୟାଙ୍କର ପ୍ରାଥମିକତା ଏବଂ ବ୍ୟାଙ୍କର ସଦସ୍ୟତା ସମ୍ପ୍ରସାରଣ ବିଷୟରେ ସୂଚନା ଦେଇଥିଲେ।

ବ୍ରିକ୍ସ ବ୍ୟବସାୟ ପରିଷଦ, ବ୍ରିକ୍ସ ମହିଳା ବ୍ୟବସାୟ ମେଣ୍ଟ, ବ୍ରିକ୍ସ ଏକାଡେମିକ ଫୋରମ, ବ୍ରିକ୍ସ ସିଭିଲ ଫୋରମ ଏବଂ ବ୍ରିକ୍ସ ଥିଙ୍କଟ୍ୟାଙ୍କ କାଉନସିଲର ଅଧ୍ୟକ୍ଷଙ୍କ ସହ ତିନି ଦିନିଆ ବୈଠକରେ ସାଂସ୍କୃତିକ ତଥା ଲୋକମାନଙ୍କ ମଧ୍ୟରେ ଭାଗିଦାରୀ ଉପରେ ଧ୍ୟାନ କେନ୍ଦ୍ରୀତ କରାଯାଇଥିଲା। ଏହି ବୈଠକରେ ଚଳିତ ବର୍ଷ ପାଇଁ କାର୍ଯ୍ୟସୂଚୀ ଏବଂ ଯୋଜନାବଦ୍ଧ କାର୍ଯ୍ୟକଳାପ ବିଷୟରେ ଉପସ୍ଥାପନା କରାଯାଇଥିଲା।

ନିଜର ଅଧ୍ୟକ୍ଷତା ବର୍ଷ ପାଇଁ ଭାରତ ଦ୍ୱାରା ଚୟନିତ ବିଷୟବସ୍ତୁ ଏବଂ ପ୍ରାଥମିକତା ସାମୟିକ ଏବଂ ପ୍ରାସଙ୍ଗିକ ହୋଇଥିବାରୁ ବ୍ରିକ୍ସ ସହଭାଗୀମାନେ ଏହାକୁ ପ୍ରଶଂସା କରିଥିଲେ ଏବଂ ଭାରତ ଦ୍ୱାରା ପ୍ରସ୍ତାବିତ ନୂତନ ପଦକ୍ଷେପ ପାଇଁ ସମର୍ଥନ ଜଣାଇଥିଲେ। ବ୍ରିକ୍ସ ଶେରପା ଆଲୋଚନାରେ ଅଗ୍ରଗତି ଏବଂ ଆଗାମୀ ବୈଦେଶିକ ତଥା ଅନ୍ୟ ମନ୍ତ୍ରୀସ୍ତରୀୟ ବୈଠକର କାର୍ଯ୍ୟକ୍ରମ ସମୀକ୍ଷା କରିବାକୁ ଦୁଇ ମାସ ମଧ୍ୟରେ ପୁନର୍ବାର ବୈଠକ କରିବାକୁ ରାଜି ହୋଇଥିଲେ।

**ନୂଆଦିଲ୍ଲୀ**

**ଫେବୃଆରୀ 26, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.